# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା01.06.2022 ରିଖ

ସମୟ- ପୂର୍ବାହ୍ନ ଘ. 11.00 ଟିକା
ସ୍ଥାନ-ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ଅମରେଶ ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପଙ୍କଜା ପ୍ରିୟଦର୍ଶିନୀ ଜେନା,
୩. ଶ୍ରୀମତୀ ସମିତା ମହାନ୍ତି,
୪. ଶ୍ରୀ ଶ୍ରୀଧର ବେହେରା,
୫. ଶ୍ରୀ ସନ୍ତୋଷ କୁମାର ସିଂହ,
୬. ସେକ୍ ନୁରହାସନ୍

ଅଦ୍ୟ ତା 01.06.2022 ରିଖ ପୂର୍ବାହ୍ନ ଘ. 11.00 ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଅମରେଶ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ନିର୍ଦ୍ଧାରଣ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମର ବିଭିନ୍ନ ୱାର୍ଡ଼ରେ ହେବାକୁ ଥିବା ନୂତନ ନାଳ ନିର୍ମାଣ ଓ ରାସ୍ତା ସହିତ ନାଳ କାର୍ଯ୍ୟ ଗୁଡ଼ିକ ୱାର୍କସ ଷ୍ଟାଣ୍ଡିଂ କମିଟିଙ୍କ ଅନୁମୋଦନ ନିମନ୍ତେ ପଠାଇବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ଠାରେ ଲଗା ଯାଉଥିବା ଫଳକରେ କାର୍ଯ୍ୟ ଆରମ୍ଭର ତାରିଖ ଏବଂ କାର୍ଯ୍ୟ ଶେଷ ହେବା ତାରିଖ ଉଲ୍ଲେଖ କରାଯିବ । ଉକ୍ତ ଫଳକରେ ୱାର୍କସ ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ୍‌ଙ୍କ ନାମ ଉଲ୍ଲେଖ ହେବ ଏବଂ ଏହି ଉନ୍ନୟନମୂଳକ କାର୍ଯ୍ୟ ଗୁଡ଼ିକ ମାନନୀୟା ମେୟରଙ୍କ ଅବଗତରେ ସମ୍ପାଦନ ହେବାପାଇଁ ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମର ଯେଉଁ ୱାର୍ଡ଼ରେ ୱାର୍ଡ଼ ଅଫିସ୍ ନାହିଁ, ସେହି ୱାର୍ଡ଼ରେ ଏକ ମହଲା ବିଶିଷ୍ଟ ୱାର୍ଡ଼ ଅଫିସ୍ ନିର୍ମାଣ କରାଯିବ ବୋଲି ବୈଠକରେ ଉପସ୍ଥିତ ଥିବା ନଗର ଯନ୍ତ୍ରୀ କମିଟିଙ୍କୁ ଅବଗତ କରାଇଥିଲେ । ଏହା ଉପରେ ଆଲୋଚନା କରାଗଲା । ଉକ୍ତ ୱାର୍ଡ଼ ଅଫିସ୍ ଉପରେ MP କିମ୍ବା MLA LAD ଅର୍ଥ ଯଦି ଅନୁଦାନ ମିଳେ ତେବେ ଏହା ଉପରେ ଆଉ ଏକ ମହଲା ନିର୍ମାଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ହେଉଥିବା ଉନ୍ନୟନ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବା ଏବଂ ତାହାର କାର୍ଯ୍ୟ ତାଲିକା ସମ୍ପୃକ୍ତ ୱାର୍ଡ଼ କର୍ପୋରେଟରଙ୍କୁ ଦେବାପାଇଁ ସର୍ବ ସମ୍ମତିକ୍ରମେ ନଗର ଯନ୍ତ୍ରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଗଲା ।

ନିର୍ଦ୍ଧାରଣ-୧(୫). ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ହେବାକୁ ଥିବା ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପ୍ରତ୍ୟେକ ୱାର୍ଡ଼ କର୍ପୋରେଟରଙ୍କ ଠାରୁ ତାହାର ଏକ ତାଲିକା ସଂଗ୍ରହ କରି ବାର୍ଷିକ ତାଲିକା (Annual Action Plan) ପ୍ରସ୍ତୁତ କରି କର୍ପୋରେସନଙ୍କ ଅନୁମୋଦନ ନିମନ୍ତେ ଉପସ୍ଥାପନ କରିବା ପାଇଁ ସର୍ବ ସମ୍ମତିକ୍ରମେ ନଗର ଯନ୍ତ୍ରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଗଲା ।

ନିର୍ଦ୍ଧାରଣ-୧(୬). ଭୁବନେଶ୍ୱର ମହାନଗର ନିଗମର ପୂର୍ତ୍ତ ବିଭାଗରେ କର୍ମଚାରୀ ନଥିବାରୁ କାର୍ଯ୍ୟ ଠିକ୍ ଭାବରେ ହୋଇପାରୁନାହିଁ । ତେଣୁ ଆବଶ୍ୟକ ସଂଖ୍ୟକ କର୍ମଚାରୀ ପୂର୍ତ୍ତ ବିଭାଗକୁ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୭). ଭୁବନେଶ୍ୱର ମହାନଗର ନିଗମ ଖଣ୍ଡ-୧ ରେ ଜଣେ ଏବଂ ଖଣ୍ଡ-୨ ରେ ଜଣେ ଲେଖାଏଁ ସହାୟକ ନିର୍ବାହୀ ଯନ୍ତ୍ରୀ ଅଛନ୍ତି ସେମାନେ ସଠିକ୍ ଭାବରେ କାର୍ଯ୍ୟ ତଦାରଖ କରିପାରୁନାହାଁନ୍ତି । ତେଣୁ ନିଗମରେ ଖାଲିଥିବା ସହାୟକ ନିର୍ବାହୀ ଯନ୍ତ୍ରୀ ପଦବୀରେ ଆଉ ୫ ଜଣ ସହାୟକ ନିର୍ବାହୀ ଯନ୍ତ୍ରୀ ନିଯୁକ୍ତି କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୮). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ଅର୍ଥର ଆବଶ୍ୟକତା ରହିଅଛି । ତେଣୁ ଆସନ୍ତା ମାସ ବୈଠକ ଠାରୁ ମୁଖ୍ୟ ବିତ ଅଧିକାରୀ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୯). ଭୁବନେଶ୍ୱର ମହାନଗର ନିଗମାଂଚଳରେ ସ୍ୱେରେଜ୍ ବୋର୍ଡ଼ ନାଳ ବିଛାଇବା ପାଇଁ ଯେତିକି ରାସ୍ତା ଖୋଳୁଛନ୍ତି ସେତିକି ମରାମତି କରୁଛନ୍ତି । କିନ୍ତୁ ରାସ୍ତାର ଉଭୟ ପାର୍ଶ୍ୱ ଖରାପ ହେଉଥିବା ଅଂଶ ସେ ମରାମତି କରୁନାହିଁ । ଫଳରେ ରାସ୍ତା ଦବି ଯାଉଅଛି । ତେଣୁ ସମ୍ପୂର୍ଣ୍ଣ ରାସ୍ତା ମରାମତି କରିବା ପାଇଁ ସ୍ୱେରେଜ୍ ବୋର୍ଡ଼କୁ ଅବଗତ କରାଇବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୧୦). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ସିମେଣ୍ଟ୍ କଂକ୍ରିଟ୍ ରାସ୍ତା ଖରାପ ହେଲେ ସେ ରାସ୍ତାକୁ ପେବର ବ୍ଲକ୍ କରାଗଲେ ସିମେଣ୍ଟ୍ କଂକ୍ରିଟ୍ ରାସ୍ତା ଉପରେ କାର୍ଯ୍ୟ କରାନଯାଇ ସେ ରାସ୍ତାକୁ ଖୋଳି ବାହାର କରି ପେବର ବ୍ଲକ୍ ରାସ୍ତା ନିର୍ମାଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. 12.35 ମିନିଟ୍ ସମୟରେ ସଭା ସାଂଗ କରାଗଲା

ସ୍ୱା/-ଅମରେଶ ଜେନା
ସଭାପତି
ତା 01.06.2022 ରିଖ